# ତହସିଲ କାର୍ଯ୍ୟାଳୟ, ବୌଦ୍ଧ, ଜିଲ୍ଲା-ବୌଦ୍ଧ

(ଲଘୁ ଖଣିଜ ଦ୍ରବ୍ୟ ଉତ୍ସ ଦୀର୍ଘମିଆଦି ଲିଜ ନିମନ୍ତେ ବିଜ୍ଞାପନ )
(AS PER THE OMMC RULES – 2016 AND SUBSEQUENT AMENDMENT)

ବିଜ୍ଞପ୍ତି ସଂଖ୍ୟା : 3979 / ତାରିଖ 23.09.2022 //

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ତହସିଲ କାର୍ଯ୍ୟାଳୟ, ବୌଦ୍ଧ ନିମ୍ନ ସୂଚି ପ୍ରଦତ୍ତ ( ଲଘୁ ଖଣିଜ ) ବାଲି ଖାଦାନ ସୈରାତ ଉତ୍ସ ଅନ୍ୟୁନ ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦି ଲିଜ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଇଚ୍ଛୁକ ବ୍ୟକ୍ତି ବିଶେଷ ବା ସଂସ୍ଥା ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ -2016 ମୁତାବକ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ (ସଂଶୋଧନ ) 2017 , 2018 ଓ 2022 ବର୍ଣ୍ଣିତ ତିନି କିତା ଫର୍ମ "M" ପୂରଣ କରି ତତ୍ ସହିତ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ /କାଗଜାତ ସଂଲଗ୍ନ କରି ଜଉମୁଦା ଲଫାଫାରେ ଟେଣ୍ଡର ବାକ୍ସ / ରେଜେଷ୍ଟ୍ରି ପୋଷ୍ଟ/ ସ୍ପିଡ ପୋଷ୍ଟ ଜରିଆରେ ତହସିଲଦାର, ବୌଦ୍ଧଙ୍କ ଠିକଣାରେ 26.09.2022 ରିଖ ଠାରୁ ତା. 18.10.2022 ରିଖ ଅପରାହ୍ନ ଘ. 05.30 ମିନିଟ ସୁଦ୍ଧା ଆବେଦନ କରିପାରିବେ (ଛୁଟି ଦିନ ବ୍ୟତିତ) । ଲଫାଫାରେ ସୈରାତ ଉତ୍ସର ନାମ ଉଲ୍ଲେଖ ଥିବା ଆବଶ୍ୟକ । ପ୍ରାପ୍ତ ଦରଖାସ୍ତଗୁଡିକୁ ତା 19.10.2022 ରିଖ ପୂର୍ବାହ୍ନ 11.00 ଘଟିକା ସମୟରେ ତହସିଲ କାର୍ଯ୍ୟାଳୟ ପରିସରରେ ଦରଖାସ୍ତକାରୀ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ । ଧାର୍ଯ୍ୟ ସମୟ ଗତେ ଆସିଥିବା ଦରଖାସ୍ତ ଗ୍ରହଣ ଯୋଗ୍ୟ ହେବ ନାହିଁ । ସେହିପରି ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡିକୁ ନାକଚ କରାଯିବ ।

ଯଦି କୌଣସି କାରଣରୁ ଧାର୍ଯ୍ୟ ତାରିଖ ଓ ସମୟ ମଧ୍ୟରେ ନିଲାମ ହୋଇନପାରେ ତେବେ ପରବର୍ତ୍ତୀ ନିଲାମ ତାରିଖ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସ୍ଥିର କରାଯାଇ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ ମାଧ୍ୟମରେ ଜଣାଇ ଦିଆଯିବ । ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଓ ନିଲାମ ଧାର୍ଯ୍ୟ ତାରିଖ ଇତ୍ୟାଦି ବାବଦରେ ତହସିଲ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତୀତ ସମସ୍ତ ସରକାରୀ କାର୍ଯ୍ୟଦିବସରେ ଉପଲବ୍ଧ ହେବ ଓ ଜିଲ୍ଲା ୱେବସାଇଟ **www.boudh.nic.in** ମାଧ୍ୟମରେ ମଧ୍ୟ ସମସ୍ତ ସୂଚନା ପାଇ ପାରିବେ । **ନିମ୍ନଲିଖିତ ଉତ୍ସର ଟେଣ୍ଡର ପ୍ରକ୍ରିୟା ନିମ୍ନସ୍ୱାକ୍ଷରକାରୀ କିମ୍ବା ତାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କୁ କାରଣ ନ ଦର୍ଶାଇ ରଦ୍ଦ କରି ପାରିବେ ।**

23/9/22

**ତହସିଲଦାର, ବୌଦ୍ଧ**
TAHASILDAR
BOUDH

# ତହସିଲ କାର୍ଯ୍ୟାଳୟ, ବୌଦ୍ଧ , ଜିଲ୍ଲା-ବୌଦ୍ଧ

{ଲଘୁ ଖଣିଜ (ବାଲି ଖାଦାନ) ର ୫ ବର୍ଷିଆ ଲିଜ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ}

ଇସ୍ତାହାର ସଂଖ୍ୟା 3980 / ତାରିଖ : 23.09.2022 //

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ବୌଦ୍ଧ ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଏକ ଗୋଟି ଲଘୁ ଖଣିଜ ଖାଦାନର ଦୀର୍ଘମିଆଦି ଲିଜ 2022-23 ଆର୍ଥିକ ବର୍ଷ ଠାରୁ ୫(ପାଞ୍ଚ) ବର୍ଷ ନିମନ୍ତେ ତହସିଲଦାର, ବୌଦ୍ଧଙ୍କ ଦ୍ୱାରା ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଣୁ ଇଚ୍ଛୁକ ସଂସ୍ଥା ଓ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିଆତି ନିୟମ-2016 ( OMMC Rule, 2016) ଓ OMMC Amendment Rule, 2022 ରେ ଥିବା Form-M ପୂରଣ କରି ଏହାର ତିନି ଗୋଟି ନକଲ ସହିତ ଟ. 1000.00 ( ଏକ ହଜାର ଟଙ୍କା ) ମାତ୍ର ର ଟ୍ରେଜେରୀ ଚାଲାନ ତଥା ଆବଶ୍ୟକ ଦଲିଲ ସଂଲଗ୍ନ କରି ଜଉମୁଦା ଲଫାଫାରେ ଖଣିଜ ଉତ୍ସର ନାମ ଲେଖି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସ / ରେଜେଷ୍ଟ୍ରି ପୋଷ୍ଟ/ ସ୍ପିଡ ପୋଷ୍ଟ ମାଧ୍ୟମରେ ତା. 26.09.2022 ରିଖ ଠାରୁ ତା. 18.10.2022 ରିଖ ଅପରାହ୍ନ ଘ. 05.30 ପର୍ଯ୍ୟନ୍ତ କେବଳ କାର୍ଯ୍ୟ ଦିବସରେ ଆବେଦନ କରି ପାରିବେ । ଧାର୍ଯ୍ୟ ସମୟ ଗତେ ଆସିଥିବା ଦରଖାସ୍ତ ଗ୍ରହଣ ଯୋଗ୍ୟ ହେବ ନାହିଁ । ତା. 19.10.2022 ରିଖ ପୂର୍ବାହ୍ନ 11.00 ଘଟିକା ସମୟରେ ଲିଜ ଦରଖାସ୍ତ କାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯାଇ ସର୍ବୋଚ ଲିଜ ଦରଖାସ୍ତକୁ ବିଚାରକୁ ନିଆଯାଇ ଲିଜ ପ୍ରଦାନ କରିବାର ବ୍ୟବସ୍ଥା କରାଯିବ ତଥା ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ଖାରଜ କରାଯିବ । ଏଣୁ ଧାର୍ଯ୍ୟ ତାରିଖ ତଥା ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରତିନିଧି ଉପସ୍ଥିତ ରହିବାକୁ ଅନୁରୋଧ । ଯଦି ଦରଖାସ୍ତକାରୀ ଉପସ୍ଥିତ ନ ରହନ୍ତି ତାହେଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଲିଜ ଅବଧି ଓଡିଶା ଲଘୁ ଖଣିଜ ଦ୍ରବ୍ୟ ନିୟମ 2016 ଅନୁସାରେ ସେସ ପ୍ରକ୍ରିୟା କରଣ ( ପରିବେଶ ମଞ୍ଜୁରୀ ) ଠାରୁ ଆରମ୍ଭ ହେବ । ଏହି ସଂକ୍ରାନ୍ତିୟ ସମ୍ପୃକ୍ତ ବିବରଣୀ ତହସିଲ କାର୍ଯ୍ୟାଳୟ, ବୌଦ୍ଧ ତଥା ବୌଦ୍ଧ ଜିଲ୍ଲା Web-site - **www.boudh.nic.in** ରେ ଉପଲବ୍ଧ ହେବ । ନିମ୍ନଲିଖିତ ଉତ୍ସର ଟେଣ୍ଡର ପ୍ରକ୍ରିୟା ନିମ୍ନସ୍ୱାକ୍ଷରକାରୀ କିମ୍ବା ତାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କୁ କାରଣ ନ ଦର୍ଶାଇ ରଦ୍ଦ କରି ପାରିବେ ।

ଖଣିଜ ଉତ୍ସର ତଫସିଲଭୁକ୍ତ ଜମିର ବିବରଣୀ

| କ୍ର. ନଂ | ସଇରାତ ଉତ୍ସର ନାମ | ମୌଜା | ଖାତା ନଂ | ପ୍ଲଟ ନଂ | କିସମ | ଲିଜ ରକବା (ଏକରରେ) | MGQ (approx.) in cm ପ୍ରଥମ ବର୍ଷ | ରୟାଲିଟି (ଘନ ମିଟର ପ୍ରତି) (ଟଙ୍କା ଆକାରରେ) | ଅତିରିକ୍ତ ଦେୟ/ ଘନ ମିଟର ପ୍ରତି (ଟଙ୍କା ଆକାରରେ ) | ଅର୍ଜିତ ରାଶି(EMD) (ଟଙ୍କା ଆକାରରେ) |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | ଅମୃର୍ତ୍ତା ବାଲିଘାଟ | ଅମୃର୍ତ୍ତା | 113 | 09 | ନଦୀ | 5.00 | 9500 | 35.00 | 165.00 | 95000.00 |

23/9/22

ତହସିଲଦାର, ବୌଦ୍ଧ

TAHASILDAR
BOUDH

## ଆବଶ୍ୟକୀୟ ଦଲିଲ ବିବରଣୀ

(ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିଆତି ନିୟମ-2016 ( **OMMC Rule, 2016)** ଓ ସଂଶୋଧିତ **OMMC Rule, 2022** ଅନୁଯାୟୀ )

1. Form- M ତିନି ସେଟ ଦେଇ ଆବେଦନ କରିବେ ।
2. ଟ. 1000.00 ର (ଏକ ହଜାର ଟଙ୍କା)ର ଟ୍ରେଜେରୀ ଚାଲାନ । Head of Account- 0853-Nonferrous Mining Metallurgical industries-102-mineral concession fees rents & royalties. ଏହା ଫେରସ୍ତ କରାଯିବ ନାହିଁ
3. ନିଜ ନାମରେ କୌଣସି ପ୍ରକାର ମାଇନିଙ୍ଗ ଦେୟ ବକେୟା ନଥିବା ସତ୍ୟପାଠ।
4. Trace Map of the Land Schedule.
5. ଜି. ସ୍ ଟି ପଞ୍ଜିକରଣ ପ୍ରମାଣ ପତ୍ର ଏବଂ ଜି. ସ୍. ଟି କ୍ଲିୟରେନ୍ସ ପ୍ରମାଣ ପତ୍ର ।
6. ଦରଖାସ୍ତ କରୁଥିବା ଲଘୁ ଖଣିଜ ଉତ୍ସର ସଂପୂର୍ଣ୍ଣ ବିବରଣୀ, ଏହି ବିଜ୍ଞାପନରେ ଥିବା ଉତ୍ସର ନାମ, ଖାତା ନଂ, ପ୍ଲଟ ନଂ., ରକବା ଏବଂ କିସମର ସଠିକ ତଥ୍ୟ ତଥା ସଂପୂର୍ଣ୍ଣ ତଫସିଲ ସହିତ ଏକକିତା ନକଲ ସଲଗ୍ନ କରିବେ ।
7. ସାରଣୀରେ ସ୍ତମ୍ଭ ୧୧ ରେ ଦର୍ଶିତ EMD ମୂଲ୍ୟ ର Bank Demand Draft Tahasildar, Boudh & payble at SBI, Boudh ଙ୍କ ନାମେ ପ୍ରସ୍ତୁତ କରି ସଲଗ୍ନ କରିବେ । ଯୋଗ୍ୟ ବିବେଚିତ ହୋଇପାରି ନଥିବା ନିଲାମଧାରୀଙ୍କ EMD ଟଙ୍କା ଉକ୍ତ ଉତ୍ସ ର ବନ୍ଦୋବସ୍ତ ସ୍ଥିରୀକୃତ ହେଲାପରେ ଓ ବ୍ୟକ୍ତିବିଶେଷଙ୍କ ଠାରୁ ଦରଖାସ୍ତ ପ୍ରାପ୍ତ ହେଲାପରେ ଫେରସ୍ତ କରାଯିବ ।
8. ନିଜ ନାମରେ କୌଣସି ଅପରାଧିକ ମାମଲା ନଥିବା ସତ୍ୟପାଠ ।
9. ନିଜର ଆଧାର କାର୍ଡ ଓ ଭୋଟର ପରିଚୟ ପତ୍ରର ନକଲ ଦାଖଲ କରିବେ ।
10. Income Tax Return of previous financial year showing annual income for an amount not less than the amount of additional charge offered and the royalty payable for the minimum guaranteed quantity for one whole year or Bank guarantee valid for a period of eighteen months for the amount not less than the amount as above.
11. The Selected bidder shall convey his acceptance of the terms and conditions within fifteen days of such intimation and deposit a sum equivalent to zero point two per centum (0.25) of the value of estimated mineral resource, subject to a maximum of Ten Crore rupees, towards part of security deposit and such deposit along with the earnest money, shall be held as, interest-free security deposit for due observation of the terms and conditions of the Mining lease.
12. The applicant having a net worth of less than one per centum of value of estimated Mineral Resources shall not be eligible for participating in the auction process for grant of Mining Lease.

TAHASILDAR
BOUDH

# ସର୍ତ୍ତାବଳୀ

1. ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିଆତି ଆଇନ ୨୦୧୬ (OMMC Rules, 2016 ଓ ସଂଶୋଧିତ OMMC Rule, 2022) ର ପରିସର ଭୁକ୍ତ ରହିବେ ।
2. ଲିଜରେ ଭାଗନେବା ପୂର୍ବରୁ ଲଘୁ ଖଣିଜ ପଦାର୍ଥ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜ ରେ ଅଂଶ ଗ୍ରହଣ କରିବେ ।
3. ଲିଜ ରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
4. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
5. ପ୍ରତ୍ୟେକ ଉତ୍ସ ପାଇଁ ଅଲଗା ଲଫାପାରେ ଓ ଲଫାପା ଉପରେ ଉତ୍ସର ନାମ ଉଲ୍ଲେଖ କରିବେ ।
6. Mining Plan ରେ ଦର୍ଶାଯାଇଥିବା ଗଚ୍ଛିତ ଖଣିଜ ଦ୍ରବ୍ୟ ର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଏକକ ରୟାଲିଟି ରାଶିକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ, ଉକ୍ତ ରାଶି Environment Clearance ଆଣି ସାରିଲାପରେ ପଇଠ କରିବେ । ସମ୍ପୂର୍ଣ୍ଣ ରାଶି ପଇଠ ହେଲାପରେ ଲିଜ ଧାରୀ ରେଜିଷ୍ଟ୍ରେଶନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତିପତ୍ର (Execution of Lease deed) ସମ୍ପାଦନ କରିବେ ।
7. ଅମାନତ ରାଶିର ପରିମାଣ ଲିଜ ଶେଷ ପରେ ସ୍ଥିର କରାଯିବ ।
8. ଲିଜଧାରୀ ମାନେ Mining Plan ରେ ଥିବା MGQ ପରିମାଣକୁ ନେଇ ବିଭିନ୍ନ ଦେୟ ପଇଠ କରିବେ।
9. ଲିଜଧାରୀ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ଅମାନତ ରାଶି ଲିଜ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାର ୭ ଦିନ ମଧରେ ଡିମାଣ୍ଡ ଡ୍ରାଫ୍ଟ / ନଗଦ ଟଙ୍କା ଆକାରରେ ଜମା କରିପାରିବେ ।
10. ନିର୍ଦ୍ଦିଷ୍ଟ ସମୟସୀମା ମଧରେ ପରିବେଶ ମଞ୍ଜୁରିପତ୍ର ଦାଖଲ ନକଲେ ଅମାନତ ରାଶି ବ୍ୟାଜପ୍ତ କରାଯିବ ।
11. ପରିବେଶ ସମ୍ବନ୍ଧୀୟ ଅନୁମତି ଲିଜଧାରୀ ନିଜ ଦାଇତ୍ୱ ରେ ହାସଲ କରିବେ ।
12. ପୁନଶ୍ଚ ନିୟମାବଳୀ ଅନୁଯାଇ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମାରାଶି ବ୍ୟାଜାପ୍ତ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିବ ।
13. ଲିଜଧାରୀ ସଇରାତ ନକ୍ସା ଅନୁଯାଇ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ଼ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖଭାଗରେ ଏକ ଡିସପ୍ଲେ ବୋର୍ଡ ତିଆରିକରି ସେଥିରେ ସଇରାତ ନାମ ନକ୍ସା ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ । ଏସବୁର ଖର୍ଚ୍ଚ ଲିଜଧାରୀ ବହନ କରିବେ ।
14. ଉପୋରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିଲା ପର୍ଯ୍ୟନ୍ତ ଲିଜଧାରୀ ସଇରାତ ରୁ ଖଣିଜ ପଦାର୍ଥ ଉଠାଇ ପାରିବେ ନାହିଁ ।
15. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସ ରେ ଦେଖିପାରିବେ ।
16. ଯଦି ଉକ୍ତ ଇସ୍ତାହାର ରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ରହିଅଛି ।
17. ଲିଜ ର ସମସ୍ତ ସର୍ତ୍ତାବଳୀ ପୂରଣ କରୁଥିବା ତଥା ସର୍ବାଧିକ ଅତିରିକ୍ତ ଦେୟ ଘନମୀଟର ପ୍ରତି ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀ ଙ୍କୁ ଲିଜ ଦିଆଯିବ ।
18. ସର୍ବୋଚ୍ଚ ଅତିରିକ୍ତ ଦେୟ ଘନମୀଟର ପ୍ରତି ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ ନ ନେଲେ ତତପରବର୍ତ୍ତୀ ଆବେଦନ କାରୀ ଙ୍କୁ ସୁଯୋଗ ଦିଆଯିବ।
19. ଯଦି ଦୁଇଜଣ ଆବେଦେନକାରୀ ଙ୍କ ଅତିରିକ୍ତ ଦେୟ ମୂଲ୍ୟାଙ୍କ ସମାନ ହୁଏ ତେବେ ଧର୍ମଗୁଳା ସାହାଯ୍ୟ ରେ ଲିଜ ପଟାଦାର ଚୟନ କରାଯିବ ।
20. ଯୋଗ୍ୟ ବିବେଚିତ ବ୍ୟକ୍ତି ଙ୍କୁ ସଇରାତ ଉତ୍ସ ପାଇଁ ଘନମୀଟର ପିଛା ନିର୍ଦ୍ଧାରିତ ରୟାଲିଟି ସହ ଅତିତିକ୍ତ ଦେୟ, ଡେଡ ରେଣ୍ଟ (ହେକ୍ଟର ଅନୁଯାୟୀ ଧାର୍ଯ୍ୟ ) ପୃଷ୍ଠ ଭୂମି ଖଜଣା (ହେକ୍ଟର ଅନୁଯାୟୀ ଧାର୍ଯ୍ୟ ), ଜିଲ୍ଲା ଖଣିଜ ଉନ୍ନୟନ ପାଣ୍ଠି ଦେୟ @ ୧୦% (ରୟାଲିଟି ଓ ଅତିତିକ୍ତ ଦେୟ ର), ପରିବେଶ ଉନ୍ନୟନ ପାଣ୍ଠି @୫% (ରୟାଲିଟି ଓ ଅତିତିକ୍ତ ଦେୟ ର), ଆୟକର @୨%(ରୟାଲିଟି ଓ ଅତିତିକ୍ତ ଦେୟ ର ) ପ୍ରତେକ ଆର୍ଥିକ ବର୍ଷ ଉତ୍ସ ପରିଚାଳନା ପୂର୍ବରୁ ଏକକାଳୀନ ପଇଠ କରିବାକୁ ହେବ ।
21. ଲିଜ ଧାରି Mines Act'1952 ଏବଂ Explosive Act' 1984 ର ସମସ୍ତ ନିୟମକୁ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।
22. ଦରଖାସ୍ତ ରେ କେବଳ ଲଘୁ ଖଣିଜ ଦ୍ରବ୍ୟ ର ଘନମୀଟର ପିଛା ଅତିରିକ୍ତ ଦେୟ ସ୍ପଷ୍ଟ ଭାବେ ଉଲ୍ଲେଖ ଥିବା ଆବଶ୍ୟକ।
23. ସଫଳ ଆବେଦନକାରୀ ନିର୍ଦ୍ଦେଶିକ ସମୟ ସୀମା ମଧରେ ଅନୁମୋଦିତ Mining Plan ଓ ପରିବେଶ ବିକାଶ ଦାଖଲ ପରେ ଲିଜ ପଞ୍ଜୀକରଣ (Confirm) କରିଯିବ ଏବଂ ଲୀଜ ଏଗ୍ରୀମେଣ୍ଟ ଆସିବା ସହ ରୟାଲିଟି କିମ୍ବା ଡେଡ ରେଣ୍ଟ ଯେଉଁଟା ଅଧିକ, ପୃଷ୍ଠଭୂମି ଖଜଣା ଅତିରିକ୍ତ ଦେୟ ଜିଲ୍ଲା ଲଘୁ ଖଣିଜ ପାଣ୍ଠି ,ପରିବେଶ ପରିଚାଳନା ପାଣ୍ଠି ସହିତ ଆୟ କର ପଇଠ କରିବାକୁ ପଡିବ ।

TAHASILDAR
BOUDH

ଦ୍ରଷ୍ଟବ୍ୟ : ଦୀର୍ଘମିଆଦି ସୂତ୍ରେ ( ୫ ବର୍ଷ ) ଦେବାକୁ ଥିବା ଖଣିଜ ଉତ୍ସ ର ଏକ ତାଲିକା ଦିଆଯାଇଅଛି ।

24. ଲିଜ ଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟର ରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହ ପଦାର୍ଥ ଉତ୍ତୋଳନ ଓ ପରିବହନ ତ୍ରୟମାସିକ ହିସାବ ଏହି କାର୍ଯ୍ୟା ଳୟ ରେ ଦାଖଲ କରିବେ ।
25. ଟେଣ୍ଡର ପାଇଁ ବିଜ୍ଞାପନ, ମାଇନିଙ୍ଗ ପ୍ଲାନ ଓ ପରିବେଶ ମଞ୍ଜୁରୀ ର ସମସ୍ତ ଖର୍ଚ୍ଚ ସଫଳ ନିଲାମଧାରୀ ମାନେ ବହନ କରିବେ ।
26. ସରକାରୀ ରୟାଲିଟି ଅତିରିକ୍ତ ଦେୟ ବାବଦରେ ଧାର୍ଯ୍ୟ ଦର ଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତ କାରୀ ଙ୍କ ଏମ –ଫର୍ମ ଖାରଜ କରାଯିବ ।

23/9/22

ତହସିଲଦାର, ବୌଦ୍ଧ
TAHASILDAR
BOUDH

**ଜ୍ଞାପକ ସଂଖ୍ୟା: 3981 / ତାରିଖ : 23.09.2022 //**

ଏହାର ନକଲ ତହସିଲ ବିଜ୍ଞାପନ ବୋର୍ଡ/ ସମସ୍ତ ରାଜସ୍ୱ ନିରିକ୍ଷକ/ ବୌଦ୍ଧ ତହସିଲ ଅନ୍ତର୍ଗତ ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୌଦ୍ଧ ପଞ୍ଚାୟତ ସମିତିଙ୍କ ଅବଗତି ତଥା ଇସ୍ତାହାର ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

23/9/22

ତହସିଲଦାର, ବୌଦ୍ଧ
TAHASILDAR
BOUDH

**ଜ୍ଞାପକ ସଂଖ୍ୟା : 3982 / ତାରିଖ: 23.09.2022 //**

ଏହାର ଏକାକିତା ନକଲ ଜିଲାପାଳ, ବୌଦ୍ଧ/ ଉପ-ଜିଲ୍ଲାପାଳ, ବୌଦ୍ଧଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

23/9/22

ତହସିଲଦାର, ବୌଦ୍ଧ
TAHASILDAR
BOUDH

**ଜ୍ଞାପକ ସଂଖ୍ୟା : 3983 / ତାରିଖ: 23.09.2022 //**

ଏହାର ଏକାକିତା ନକଲ ଡି.ଆଇ.ଓ, ଏନ.ଆଇ.ସି, ବୌଦ୍ଧଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ସେ ଏହି ଇସ୍ତିହାରକୁ ଜିଲ୍ଲା Web-site - **www.boudh.nic.in** ରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜାରି କରିବେ ।

23/9/22

ତହସିଲଦାର, ବୌଦ୍ଧ
TAHASILDAR
BOUDH